بسم الله الرحمن الرحيم

**ଖୁତ୍‌ବା ଜୁମା ୧୯ ମାର୍ଚ୍ଚ ୨୦୨୧ରେ ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦ୍‌ରୀ ସାହାବୀ ହଜ୍‌ରତ ଉସ୍‌ମାନ୍ ର.ଅଙ୍କ ପ୍ରଶଂସନୀୟ୍ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ହଜ଼ରତ ଉସ୍‌ମାନ୍ ର.ଅଙ୍କ ସଂପର୍କରେ ଚର୍ଚ୍ଚା ଅବ୍ୟାହତ ରହିଛି । ହ. ମୁସ୍‌ଲେହ୍ ମଉଦ୍ ର.ଅ ତାଙ୍କ ଶାହାଦତ୍ ପରବର୍ତ୍ତୀ ଘଟଣା ସଂପର୍କରେ ସଂକ୍ଷେପରେ ଉଲ୍ଲେଖ କରିଛନ୍ତି । ଅତଏବ ହ. ମୁସ୍‌ଲେହ୍ ମଉଦ୍ ର.ଅ କହନ୍ତି: ସେହି ଉପଦ୍ରବୀ ତଥା ବିଦ୍ରୋହୀ ହତ୍ୟାକାରୀମାନେ ହ. ଉସ୍‌ମାନ୍ ର.ଅଙ୍କୁ ଶହୀଦ୍ ତ' କରି ଦେଇଥିଲେ ଏବଂ ତାଙ୍କର ମର ଶରୀରକୁ କବର ଦେବା ପାଇଁ ମଧ୍ୟ ସେମାନେ ଆପତ୍ତି ପ୍ରକାଶ କରିଥିଲେ । ଯଦ୍ୱାରା ତିନି ଦିନ ପର୍ଯ୍ୟନ୍ତ ହ. ଉସମାନ୍ ର.ଅଙ୍କ ମର ଶରୀରକୁ କବର ଦିଆଯାଇ ପାରି ନଥିଲା ।

ହ. ଅବୁ ମୁସା ଅଶ୍‌ଅରୀ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଏକ ଉଦ୍ୟାନରେ ପ୍ରବେଶ କଲେ ଏବଂ ମୋତେ ଉଦ୍ୟାନର ଦ୍ୱାର ଆଗରେ ପ୍ରହରା ଦେବା ପାଇଁ ଆଦେଶ ଦେଲେ । ଠିକ୍ ସେହି ସମୟରେ ଜଣେ ବ୍ୟକ୍ତି ଆସିଲେ ଏବଂ ଭିତରକୁ ପ୍ରବେଶ କରିବା ପାଇଁ ଅନୁମତି ଲୋଡ଼ିଲେ । ଆଁହଜ଼ରତ ସ.ଅ କହିଲେ ତାଙ୍କୁ ଭିତରକୁ ଆସିବାକୁ ଦିଅ ! ଏବଂ ସେହି ବ୍ୟକ୍ତିଙ୍କୁ ବୈକୁଣ୍ଠବାସୀ ହେବାର ଶୁଭ ସମାଚାର ପ୍ରଦାନ କର । ମୁଁ ଏହା ଅବଲୋକନ କଲି ଯେ, ସେହି ବ୍ୟକ୍ତି ହେଉଛନ୍ତି ହ. ଅବୁ ବକ୍କର୍ ର.ଅ । ପୁନଶ୍ଚ ଆଉ ଜଣେ ବ୍ୟକ୍ତି ଆସିଲେ ଏବଂ ଭିତରକୁ ଆସିବାକୁ ଅନୁମତି ଲୋଡ଼ିଲେ । ପ୍ରତ୍ୟୁତ୍ତରରେ ଆଁଜ଼ରତ ସ.ଅ କହିଲେ ତା'ଙ୍କୁ ଆସିବାକୁ ଦିଅ ଏବଂ ସେହି ବ୍ୟକ୍ତିଙ୍କୁ ସ୍ୱର୍ଗବାସୀ ହେବାର ଶୁଭ ସମାଚାର ପ୍ରଦାନ କର । ଅତଏବ ମୁଁ ଏହା ଅବଲୋକନ କଲି ଯେ, ସେହି ବ୍ୟକ୍ତି ହେଉଛନ୍ତି ହ. ଉମର୍ ର.ଅ । ଏତଦ୍‌ପରେ ଆଉ ଜଣେ ବ୍ୟକ୍ତି ଆସିଲେ ସେ ମଧ୍ୟ ଭିତରକୁ ଆସିବା ପାଇଁ ଅନୁମତି ଲୋଡ଼ିଲେ । ପ୍ରତ୍ୟୁତ୍ତରରେ ଆଁହଜ଼ରତ ସ.ଅ କିଛିକ୍ଷଣ ନୀରବ ରହିଲେ ଏବଂ କହିଲେ ସେହି ବ୍ୟକ୍ତିଙ୍କୁ ଭିତରକୁ ଆସିବାକୁ ଦିଅ ଏବଂ ତାହାଙ୍କୁ ସ୍ୱର୍ଗବାସୀ ହେବାର ଶୁଭ ସମାଚାର ଦିଅ । କିନ୍ତୁ ଉକ୍ତ ବ୍ୟକ୍ତି ଜଣକ ଏକ ମହା ବିପତ୍ତିର ସମ୍ମୁଖୀନ ହେବେ । ଅତଏବ ମୁଁ ଅବଲୋକନ କଲି ଯେ, ସେହି ବ୍ୟକ୍ତି ହେଉଛନ୍ତି ହ. ଉସ୍‌ମାନ୍ ର.ଅ ।

ହ. ଅନସ୍ ର. ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ନବୀ କରୀମ୍ ସ.ଅ ଓହୋଦ୍ ପର୍ବତ ଉପରେ ଚଢିଲେ ସେତେବେଳେ ଆଁହଜ଼ରତ ସ.ଅଙ୍କ ସହିତ ହ. ଅବୁ ବକ୍କର, ହ. ଉମର୍, ହ. ଉସ୍‌ମାନ୍ ର.ଅ ଥିଲେ । ଅତଏବ ଓହୋଦ୍ ପର୍ବତ ଆନ୍ଦୋଳିତ ହେବାକୁ ଲାଗିଲା, ତେଣୁ ଆଁହଜ଼ରତ ସ.ଅ କହିଲେ ରହିଯା ହେ ଓହୋଦ୍ ପର୍ବତ ! ବର୍ଣ୍ଣନାକାରୀ କହନ୍ତି ଯେ, ଆଁହଜ଼ରତ ସ.ଅ ବୋଧହୁଏ ସେହି ପର୍ବତ ଉପରେ ନିଜର ପାଦ ମାରିଥିଲେ ଏବଂ କହିଲେ ତୋ ଉପରେ ନବୀ ଏବଂ ଜଣେ ସତ୍ୟବାଦୀ ଓ ଜଣେ ଶହୀଦ୍ ବ୍ୟକ୍ତି ଛିଡ଼ା ହୋଇଛନ୍ତି । ହ. ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ଏକ ଉପଦ୍ରବ ସଂପର୍କରେ ଚର୍ଚ୍ଚା କରି କହିଲେ ଯେ, ଉକ୍ତ ବ୍ୟକ୍ତି ଜଣକ ସେହି ଉପଦ୍ରବରେ ଅକାରଣରେ ତଥା ନିଷ୍ପେଷିତ ଭାବରେ ନିହତ ହେବ ଏବଂ ଆଁହଜ଼ରତ ସ.ଅ ଏହି କଥା ସମୟରେ ହ. ଉସ୍‌ମାନ୍ ର.ଅଙ୍କ ଆଡ଼କୁ ଇଙ୍ଗିତ କରି କହିଥିଲେ ।

ହ. ଅଲୀ ର.ଅଙ୍କୁ ଯେତେବେଳେ ପଚରାଗଲା ଯେ, ଆପଣ ଆମମାନଙ୍କୁ ହ. ଉସ୍‌ମାନ୍ ର.ଅଙ୍କ ସଂପର୍କରେ କିଛି କୁହନ୍ତୁ, ସେତେବେଳେ ପ୍ରତ୍ୟୁତ୍ତରରେ ହ. ଅଲୀ ର.ଅ କହିଲେ ସେ ଏଭଳି ଜଣେ ବ୍ୟକ୍ତି ଥିଲେ ଯିଏ ସର୍ବୋଚ୍ଚ ଈଶ୍ୱରଦୂତମାନଙ୍କ ମଧ୍ୟରୁ ଜଣେ ଥିଲେ ଯାହାଙ୍କୁ ଜୁନ୍ ନୁରୈନ୍ କୁହାଯାଉଥିଲା । ସେ ଅଲ୍ଲାଃତାଲାଙ୍କ ନିକଟରେ ମଧ୍ୟ ଜୁନ୍ ନୁରୈନ୍ ଥିଲେ । ସେ ଆମ ସମସ୍ତଙ୍କ ମଧ୍ୟରୁ ସର୍ବାଧିକ ଉତ୍ତମ ଆଚରଣ ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ । ହ. ଆଏଶା ର.ଅଙ୍କୁ ଯେତେବେଳେ ହ. ଉସ୍‌ମାନ୍ ର.ଅଙ୍କ ଶାହାଦତ୍ ସଂପର୍କରେ ସୂଚନା ମିଳିଲା ସେତେବେଳେ ସେ କହିଲେ ସେହି

ବିଦ୍ରୋହୀ ଉପଦ୍ରବୀମାନେ ହ. ଉସ୍ମାନ୍ ର.ଅଙ୍କୁ ଶହୀଦ୍ କରିଦେଲେ ଅଥଚ ହ. ଉସ୍ମାନ୍ ସେହି ଉପଦ୍ରବୀ ବିଦ୍ରୋହୀମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରିଥିଲେ । ସେ ଅନ୍ୟମାନଙ୍କ ଅପେକ୍ଷା ଅଲ୍ଲାଃତାଲାଙ୍କୁ ସର୍ବାଧିକ ଭୟ କରୁଥିଲେ ଏବଂ ସେ ଜଣେ ଧର୍ମପରାୟଣ ବ୍ୟକ୍ତି ଥିଲେ । ଅତଏବ ଆଁହଜ଼ରତ ସ.ଅ ନିଜର ଜାମାତା ଅର୍ଥାତ ଜ୍ୱାଇଁଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି, ତତ୍‌ସଂପର୍କରେ ଅଲ୍ ଇସ୍ତିଆବ୍‌ରେ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି ଯେ, ଆଁହଜ଼ରତ ସ.ଅ କହିଲେ ମୁଁ ନିଜର ଅନାଦି ଓ ସର୍ବଶକ୍ତିମାନ ପ୍ରଭୁଙ୍କ ନିକଟରେ ଏହି ପ୍ରାର୍ଥନା କଲି, ହେ ପ୍ରଭୁ ! ଏଭଳି କୌଣସି ବ୍ୟକ୍ତିଙ୍କୁ ନର୍କାଗ୍ନିରେ ପ୍ରବେଶ ନକରାନ୍ତୁ ଯିଏ ମୋର ଜ୍ୱାଇଁ ହୋଇଥିବ କିମ୍ବା ଯେଉଁ ବ୍ୟକ୍ତିର ମୁଁ ଜ୍ୱାଇଁ ହୋଇଥିବି ।

ହ. ଉସ୍ମାନ୍ ର.ଅଙ୍କ ମୁଖାକୃତି ସଂପର୍କରେ ପଚାରିଲି ସେତେବେଳେ ସେମାନେ ଦ୍ୱିଧାହୀନ ହୋଇ କହିଲେ ଯେ, ହ. ଉସ୍ମାନ୍ ର.ଅଙ୍କ ଉଚ୍ଚତା ନା ଗେଡ଼ା ଥିଲା ଓ ନା ହ. ଉସ୍ମାନ୍ ର.ଅ ଦୀର୍ଘ ଉଚ୍ଚତା ସଂପନ୍ନ ବ୍ୟକ୍ତି ଥିଲେ । ହ. ଉସ୍ମାନ୍ ର.ଅଙ୍କ ମୁଖମଣ୍ଡଳ ସୁନ୍ଦର ଏବଂ ଚର୍ମ କୋମଳ, ଦାଢିର ବର୍ଣ୍ଣ ଗହମ ବର୍ଣ୍ଣ ଏବଂ ବାହୁ ଯୁଗଳ ସକ୍ତ, ମୁଣ୍ଡର କେଶ ଘନ ଥିଲା ଏବଂ ସେ ନିଜ ଦାଢିରେ ମେହେନ୍ଦୀ ଲେପନ କରି ଦାଢିକୁ ହଳଦିଆ କରୁଥିଲେ । ମୁସା ବିନ୍ ତଲ୍‌ହା ବର୍ଣ୍ଣନା କରନ୍ତି ଯେ, ସେ ସମସ୍ତ ଲୋକମାନଙ୍କ ମଧ୍ୟରୁ ସବୁଠୁ ଅଧିକ ସୁନ୍ଦର ଥିଲେ । ହ. ଉସ୍ମାନ୍ ର.ଅ ଅଶ୍ରା ମୁବଶ୍ଶରାଙ୍କ ମଧ୍ୟରେ ସାମିଲ୍ ଥିଲେ ।

ଆଁହଜ଼ରତ ସ.ଅଙ୍କ ବୈକୁଣ୍ଠରେ ହ. ଉସ୍ମାନ୍ ର.ଅଙ୍କ ସହିତ ବନ୍ଧୁତ୍ୱ ସଂପର୍କରେ ବର୍ଣ୍ଣନା କରାଯାଏ ଯେ, ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ବର୍ଣ୍ଣନା କରନ୍ତି: ନବୀ କରୀମ୍ ସ.ଅ କହିଲେ ପ୍ରତ୍ୟେକ ନବୀଙ୍କର ଜଣେ ବନ୍ଧୁ ଥାଏ । ମୋର ବନ୍ଧୁ ଅର୍ଥାତ ସ୍ୱର୍ଗରେ ମୋର ବନ୍ଧୁ ହ. ଉସ୍ମାନ୍ ହେବେ । ହ. ଜାବିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଏକ ପ୍ରବାସକାରୀଙ୍କ ଘରକୁ ଦଳେ ଲୋକଙ୍କ ସହିତ ଯାଇଥିଲୁ । ସେହି ଦଳରେ ହ. ଅବୁ ବକ୍କର୍ ର.ଅ, ହ. ଉସ୍ମାନ୍ ର.ଅ, ହ. ଅଲୀ ର.ଅ, ହ. ତଲହା ର.ଅ, ହ. ଜୁବୈର୍ ର.ଅ, ହ. ଅବ୍ଦୁର୍ ରହ୍‌ମାନ୍ ବିନ୍ ଔଫ୍ ର.ଅ ଓ ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ଆଦି ବଡ଼ ବଡ଼ ସାହାବାମାନେ ସାମିଲ ଥିଲେ । ଆଁହଜ଼ରତ ସ.ଅ କହିଲେ ପ୍ରତ୍ୟେକ ବ୍ୟକ୍ତି ନିଜର ସମମର୍ଯ୍ୟାଦା ବ୍ୟକ୍ତିଙ୍କ ସହିତ ଛିଡ଼ା ହୋଇଯାଉ । ଏହାପରେ ରସୁଲୁଲ୍ଲାଃ ହ. ଉସ୍ମାନ୍ ର.ଅଙ୍କ ସହିତ ଛିଡ଼ା ହୋଇଗଲେ ଏବଂ ଆଁହଜ଼ରତ ସ.ଅଙ୍କ ସହିତ କର ମର୍ଦ୍ଦନ କଲେ ଏବଂ କହିଲେ **ଅନ୍ତା ୱଲିଉନ୍ ଫିଦ୍‌ଦୁନିୟା ୱ ୱଲିଉନ୍ ଫିଲ୍ ଆଖିରା ।**

ଆଁହଜ଼ରତ ସ.ଅଙ୍କ କାଳରେ ରବିଉଲ୍ ଅୱଲ୍ ମାସ ୧ ହିଜରୀ, ଅକ୍ଟୋବର ମାସ ୬୨ ଖ୍ରୀଷ୍ଟାବ୍ଦରେ ରସୁଲୁଲ୍ଲାଃ ସ.ଅ ନିଜର ପବିତ୍ର ହସ୍ତରୁ ଉକ୍ତ ମସ୍‌ଜିଦ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ମସ୍‌ଜିଦେ ନବୱୀର ନିର୍ମାଣ କାର୍ଯ୍ୟ ଶୱାଲ୍ ମାସ ୧ ହିଜରୀ ୬୨୩ ଖ୍ରୀ.ଅରେ ସମାପ୍ତ ହୋଇଥିଲା । ରସୁଲ୍ କରୀମ୍ ସ.ଅଙ୍କ ସମୟରେ ମସ୍‌ଜିଦେ ନବୱୀର ପ୍ରଥମ ପ୍ରଶସ୍ତିକରଣ ୭ ହିଜରୀ/୭ ମୁହର୍ରମ୍ ମାସ ଅର୍ଥାତ ୬୨୮ ଖ୍ରୀ.ଅରେ ହୋଇଥିଲା । ଯେତେବେଳେ ଆଁହଜ଼ରତ ସ.ଅ ଖୈବର୍ ଯୁଦ୍ଧରେ ବିଜୟୀ ହୋଇ ଫେରିଲେ ସେତେବେଳେ ଆଁହଜ଼ରତ ସ.ଅ ମସ୍‌ଜିଦେ ନବୱୀର ପ୍ରଶସ୍ତିକରଣ ଏବଂ ପୁନଃନିର୍ମାଣ ପାଇଁ ଆଦେଶନାମା ଜାରି କରିଥିଲେ । ମସ୍‌ଜିଦ୍‌ର ଅଧିକାଂଶ ପ୍ରଶସ୍ତିକରଣ ଉତ୍ତର ଦିଗ ଆଡକୁ କରାଯାଇଥିଲା ଏବଂ ଆଉ କିଛି ନିର୍ମାଣ ପଶ୍ଚିମ ଦିଗ ଆଡ଼କୁ ହୋଇଥିଲା । ଉତ୍ତର ଦିଗ ଆଡ଼କୁ ସାହାବାମାନଙ୍କର କେତେକ ବାସଗୃହ ରହିଥିଲା ସେହି ଦିଗରେ ଜଣେ ଅନ୍‌ସାରୀ ବ୍ୟକ୍ତିର ଘର ଥିଲା । ତେଣୁ ସେହି ବ୍ୟକ୍ତି ନିଜ ଘର ଦେବାକୁ ରାଜି ହେଉ ନଥିଲା । ଅତଏବ ହ. ଉସ୍ମାନ୍ ର.ଅ ନିଜସ୍ୱ ପାଣ୍ଠିରୁ ଦଶ ହଜ଼ାର ଦିନାର ଦେଇ ସେହି ଘର କ୍ରୟ କରି ନେଇଥିଲେ ଏବଂ ନବୀ କରୀମ୍ ସ.ଅଙ୍କ ସେବାରେ ଉପସ୍ଥାପିତ କରିଥିଲେ ଏବଂ ଆଁହଜ଼ରତ ସ.ଅ ଉକ୍ତ ଭୂମିକୁ ମସ୍‌ଜିଦ୍ ସହିତ ସାମିଲ କରି ଦେଇଥିଲେ । ଅତଏବ ଏହିପରି ଭାବରେ ମସ୍‌ଜିଦ୍‌ର ଦକ୍ଷିଣ ପର୍ଶ୍ୱ ଏବଂ ପଶ୍ଚିମ ପାର୍ଶ୍ୱର ପ୍ରଶସ୍ତିକରଣ ହୋଇ ପାରିଥିଲା ।

ହ. ଉମର୍ ର.ଅଙ୍କ ସମୟରେ ମସ୍‌ଜିଦେ ନବୱୀର ଦ୍ୱିତୀୟ ପ୍ରଶସ୍ତିକରଣ ୧୭ ହିଜରୀରେ ହୋଇଥିଲା । ହ. ଉସ୍ମାନ୍ ର.ଅ ଯେତେବେଳେ ୨୪ ହିଜରୀରେ ଖଲିଫା ନିର୍ବାଚିତ ହେଲେ ସେତେବେଳେ ଲୋକମାନେ ତାଙ୍କୁ ଅନୁରୋଧ କଲେ ଯେ, ମସ୍‌ଜିଦେ ନବୱୀର ପ୍ରଶସ୍ତିକରଣ କରାଯାଉ । ଲୋକମାନେ ମସ୍‌ଜିଦ୍‌ର ପ୍ରାଙ୍ଗଣ ସଂପର୍କରେ

ଅଭିଯୋଗ କରିଥିଲେ । ଅର୍ଥାତ ନମାଜ଼ ଜୁମା ବେଳେ ବିଶେଷ ରୂପେ ଲୋକମାନଙ୍କର ଏକତ୍ରିକରଣ ହୋଇଥାଆନ୍ତି ଏବଂ ଲୋକମାନେ ମସ୍‌ଜିଦ୍‌ର ବାହାର ଭାଗରେ ନମାଜ଼ ପାଠକାରୀଙ୍କୁ ନମାଜ଼ ପାଠ କରିବାକୁ ପଡୁଥିଲା । ଅତଏବ ହ. ଉସ୍‌ମାନ୍ ର.ଅ ସାହାବାମାନଙ୍କ ସହିତ ପରାମର୍ଶ କଲେ ଏବଂ ସର୍ବସମ୍ମତି କ୍ରମେ ପୁରାତନ ମସ୍‌ଜିଦ୍‌କୁ ଭାଙ୍ଗି ତା' ସ୍ଥାନରେ ନୂତନ ମସ୍‌ଜିଦ୍ ନିର୍ମାଣ କରିଥିଲେ । ଦିନେ ହ. ଉସ୍‌ମାନ୍ ର.ଅ ନମାଜ଼ ଜୋହର ପରେ ମଞ୍ଚ ଉପରେ ଚଢି ଖୁତ୍‌ବା ଦେଲେ ଏବଂ କହିଲେ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ । ମୁଁ ପୂରତାନ ମସ୍‌ଜିଦ୍‌କୁ ଭାଙ୍ଗି ତା' ସ୍ଥାନରେ ନୂତନ ମସ୍‌ଜିଦ୍ ନିର୍ମାଣ କରିବାକୁ ଚାହୁଁଛି । ମୁଁ ସାକ୍ଷ୍ୟ ଦେଉଛି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ତୁଣ୍ଡରୁ ଶୁଣିଥିଲି ଯେଉଁ ବ୍ୟକ୍ତି ବି ମସଜିଦେ ନବୱୀ ନିର୍ମାଣ କରେ ଅଲ୍ଲାଃତାଲ ତା'କୁ ସ୍ୱର୍ଗରେ ଏକ ଗୃହ ପ୍ରଦାନ କରନ୍ତି । ମୋ ପୂର୍ବରୁ ହ. ଉମର୍ ର.ଅ, ଫାରୁକ୍ ର.ଅ ଥିଲେ ତାଙ୍କ ହସ୍ତରେ ମସ୍‌ଜିଦେ ନବୱୀର ପୁନଃ ନିର୍ମାଣ ଓ ପ୍ରଶସ୍ତିକରଣ ମୋ ପାଇଁ ଏକ ଉଦାହରଣ ଥିଲା । ଅତଏବ ସାହାବାମାନଙ୍କ ସହିତ ପରାମର୍ଶ ଏବଂ ସର୍ବସମ୍ମତି କ୍ରମେ ମସ୍‌ଜିଦେ ନବୱୀକୁ ଭାଙ୍ଗି ତାହାକୁ ପୁନଃ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲି । ତେଣୁ ସେତେବେଳେ କେତେକ ସାହାବାମାନେ ଏହାକୁ ଅସ୍ୱୀକାର କରିଥିଲେ ତ' ଆଉ କେତେକ ସାହାବାମାନେ ଏହାର ସପକ୍ଷରେ ଥିଲେ ଏବଂ ମସ୍‌ଜିଦ୍‌ର ସଂରକ୍ଷଣ ଦାବି ଉପସ୍ଥାପନ କରିଥିଲେ । କିଛି ସାହାବାମାନଙ୍କ ମତ ରହିଥିଲା ଯେ, ମସ୍‌ଜିଦେ ନବୱୀକୁ ଭଙ୍ଗା ନଯାଉ । ସେହି ସାହାବାମାନଙ୍କ ମଧ୍ୟରୁ ଅନେକ ସହାବା ମସ୍‌ଜିଦେ ନବୱୀର ନିକଟବର୍ତ୍ତୀ ଅଞ୍ଚଳରେ ଅବସ୍ଥାପିତ ହୋଇଥିଲେ, ଯେଉଁମାନଙ୍କର ଘର ଉକ୍ତ ଯୋଜନା ଦ୍ୱାରା ପ୍ରଭାବିତ ହେଉଥିବାର ଜଣା ପଡୁଥିଲା । ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ମତାମତ ମସ୍‌ଜିଦ୍ ଭାଙ୍ଗିବା ଓ ନୂତନ ନିର୍ମାଣ ସପକ୍ଷରେ ଥିଲେ ଏବଂ ଆଉ କେତେକ ସାହାବାମାନେ ଏହାର ସପକ୍ଷରେ ନଥିଲେ, ସେମାନେ ଆପତ୍ତି କଲେ । ରବିଉଲ୍ ମାସ ୨୯ ହିଜରୀ ଅର୍ଥାତ ନଭେମ୍ବର ମାସ ୬୪୯ ଖ୍ରୀ.ଅରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ନିର୍ମାଣ କାର୍ଯ୍ୟରେ କେବଳ ଦଶ ମାସ ସମୟ ବ୍ୟତୀତ ହୋଇଥିଲା ଏବଂ ମୁହର୍ରମ୍ ମାସ ୧ ତାରିଖ ୩୦ ହିଜରୀରେ ମସ୍‌ଜିଦ୍ ନିର୍ମିତ ହୋଇ ଯାଇଥିଲା । ହ. ଉସ୍‌ମାନ୍ ର.ଅ ସ୍ୱୟଂ ଉକ୍ତ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟରେ ତତ୍ତ୍ୱାବଧାରକ ଥିଲେ । ଦିନବେଳେ ହ. ଉସ୍‌ମାନ୍ ର.ଅ ରୋଜ଼ା ରଖୁଥିଲେ ଏବଂ ରାତ୍ରବେଳା ଯଦି ନିଦ ବାଧ କରୁଥିଲା ସେତେବେଳେ ହ. ଉସ୍‌ମାନ୍ ର.ଅ ମସ୍‌ଜିଦେ ନବୱୀରେ ବିଶ୍ରାମ ନେଉଥିଲେ । ହ. ଉସ୍‌ମାନ୍ ର.ଅ ମସ୍‌ଜିଦେ ନବୱୀରେ ଦକ୍ଷିଣ ଭାଗ ସ୍ଥିତ କିବ୍‌ଲା ଦିଗର ପ୍ରଶସ୍ତିକରଣ କରିଥିଲେ ଏବଂ ଉକ୍ତ କିବ୍‌ଲାର କାନ୍ଥକୁ ସେହି ସ୍ଥାନ ପର୍ଯ୍ୟନ୍ତ ଲମ୍ବାଇ ନେଇଥିଲେ ଯାହା ଆଜି ପର୍ଯ୍ୟନ୍ତ ଦଣ୍ଡାୟମାନ ରହିଛି । ହ. ଉସ୍‌ମାନ୍ ର.ଅଙ୍କ ଶାସନରେ ମସ୍‌ଜିଦ୍‌ର କାନ୍ଥର ସଂଖ୍ୟା ଛଅ ଥିଲା । ମସ୍‌ଜିଦେ ନବୱୀର ପଥର ଉପରେ ପ୍ରଥମ ଥର ପାଇଁ କାରୁକାର୍ଯ୍ୟ ହୋଇଥିଲା । ଧଳା ରଙ୍ଗର ଲେପନ କରାଯାଇଥିଲା । ହଜ଼ରତ ଖାରଜା ବିନ୍ ଜୈଦ୍‌ଙ୍କ ବର୍ଣ୍ଣନାନୁଯାୟୀ ହ. ଉସ୍‌ମାନ୍ ର.ଅ ମସ୍‌ଜିଦେ ନବୱୀର ପୂର୍ବ ଭାଗ ଏବଂ ପଶ୍ଚିମ ଭାଗର କାନ୍ଥରେ ଆଲୋକ ବାତାୟନ ରଖିଥିଲେ । ମସ୍‌ଜିଦ୍ ନିର୍ମାଣରେ ଏହି କଥାର ବିଶେଷ ଧ୍ୟାନ ଦିଆଗଲା ଯେ, ନୂତନ ସ୍ତମ୍ଭଗୁଡ଼ିକ ସେହି ପୁରାତନ ସ୍ତମ୍ଭ ସ୍ଥାନରେ ସଳଖ କରାଯାଉ ଯେଉଁଠି ନବୀ କରୀମ୍ ସ.ଅଙ୍କ ପବିତ୍ର ସମୟରେ ଖଜୁରୀର ଗଣ୍ଡି ଦ୍ୱାରା ନିର୍ମିତ ସ୍ତମ୍ଭ ରହିଥିଲା । ଯଦିଓ ହ. ଉମର୍ ର.ଅଙ୍କ ଶାହାଦତ୍ ମିହ୍‌ରାବେ ନବୱୀରେ ନମାଜ଼ରେ ଇମାମତ୍ୱ କରୁଥିବ ସମୟରେ ହୋଇଥିଲା । ତେଣୁ ଏହି କଥାକୁ ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତରେ ଯେପରି ଏଭଳି କୌଣସି ଅଘଟଣ ନଘଟୁ, ତେଣୁ ହ. ଉସ୍‌ମାନ୍ ର.ଅ ମିହ୍‌ରାବ୍‌ର ସ୍ଥାନରେ ଏକ ମକ୍‌ସୁରା (ଅର୍ଥାତ ମସ୍‌ଜିଦ୍‌ରେ ଧାଡ଼ି ସମ୍ମୁଖରେ ଇମାମ୍ ପାଇଁ ଛିଡ଼ା ହୋଇ ନମାଜ଼ ପଢାଇବା ପାଇଁ ସ୍ଥାନ ଯେଉଁଠି ମଞ୍ଚ ନିର୍ମିତ ହୋଇଥାଏ) ନିର୍ମାଣ କରାଗଲା । ଏହି ମିହ୍‌ରାବ୍‌ଟି ମାଟି ଇଟା ଦ୍ୱାରା ନିର୍ମିତ ହୋଇଥିଲା ଏବଂ ତହିଁରେ ଝରକା ରହିଥିଲା। କାରଣ ମୁକ୍‌ତଦି (ଇମାମ୍ ପଛରେ ଛିଡ଼ା ହୋଇ ନମାଜ଼ ପଢୁଥିବା ନମାଜ଼ ପାଠକାରୀ) ନିଜର ଇମାମ୍‌ଙ୍କୁ ଦେଖି ପାରିବେ । ଏହା ହେଉଛି ପ୍ରଥମ ସୁରକ୍ଷାମୂଳକ ପଦକ୍ଷେପ ଯାହା ମସ୍‌ଜିଦେ ନବୱୀର ନିର୍ମାଣରେ ବ୍ୟବହୃତ ହୋଇଥିଲା ।

ହ. ମସିହ୍ ମଉଦ୍ ଅ.ସ କହନ୍ତି ଯେ, ହ. ଉସ୍‌ମାନ୍ ର.ଅଙ୍କୁ ତ' ମୁଁ ହ. ସୁଲୈମାନ୍ ଅ.ଙ୍କ ସହିତ ତୁଳନା କରେ । ହ. ସୁଲୈମାନ ମଧ୍ୟ ନିର୍ମାଣପ୍ରିୟ ବ୍ୟକ୍ତି ଥିଲେ । ହ. ମସିହ୍ ମଉଦ୍ ଅ.ସ କହନ୍ତି ଏହା ଆବଶ୍ୟକ ନୁହେଁ ଯେ, ମସ୍‌ଜିଦ୍

ଶୃଙ୍ଗାରିତ, ଅଳଂକୃତ ଏବଂ ପକ୍କା ଅଟ୍ଟାଳିକାର ହେବା ଦରକାର ତାହା ନୁହଁ । ବରଂ କେବଳ ଜମିକୁ ଅଧିଗ୍ରହଣ କରି ସେଠାରେ ମସଜିଦ୍‌ର ସୀମା ନିର୍ଦ୍ଧାରଣ କରି ଦିଆଯିବା ଉଚିତ ଏବଂ ବାଉଁସ ଆଦି କୌଣସି ଛଣରେ ତିଆରି ଛପର ପକାଇଦିଅ ଯେପରି ବର୍ଷାରୁ ନିସ୍ତାର ମିଳିବ । ଅଲ୍ଲାଃତାଲା କୃତ୍ରିମତାକୁ କଦାପି ପସନ୍ଦ କରନ୍ତି ନାହିଁ । ଆଁହଜ଼ରତ ସ.ଅଙ୍କ ମସଜିଦ୍ କେତେଖଣ୍ଡ ଖଜୁରୀରର ଶାଖା ଦ୍ୱାରା ନିର୍ମିତ ହୋଇଥିଲା ଏବଂ ସେହିପରି ଚଳି ଆସିଥିଲା । ଏହାପରେ ପୁନଶ୍ଚ ଯେତେବେଳେ ହ. ଉସ୍‌ମାନ୍ ର.ଅଙ୍କ ଖିଲାଫତ୍ ଆସିଲା ସେତେବେଳେ ଏହାକୁ ପକ୍କା ଛାତରେ ପରିଣତ କରାଯାଇଥିଲା । ମୁଁ ଭାବୁଛି ଯେ, ହ. ଉସ୍‌ମାନ୍ ଓ ହ. ସୁଲୈମାନ୍ ଶବ୍ଦ ପରସ୍ପର ସହିତ ସାମଞ୍ଜସ୍ୟ ରକ୍ଷା କରୁଛନ୍ତି ଏବଂ ବୋଧହୁଏ ଏହି ସାମଞ୍ଜସ୍ୟତା ଯୋଗୁଁ ହ. ଉସ୍‌ମାନ୍ ର.ଅଙ୍କୁ ଶାସନ କରିବାର ଏବଂ ନିର୍ମାଣ କରିବାର ବହୁତ ଅଭିରୁଚି ରହିଥିଲା ।

ହୁଜ଼ୁର ଅନୱର୍ ଅ.ବ କହିଲେ : ସାମୁଦ୍ରିକ ଯାହାଜରେ ଇସ୍‌ଲାମ୍‌ର ପ୍ରଥମ ସାମୁଦ୍ରିକ ଯୁଦ୍ଧ ହ. ଉସ୍‌ମାନ୍ ର.ଅଙ୍କ ଶାସନରେ ୨୮ ହିଜରୀରେ ହୋଇଥିଲା । ଅମୀର ମୁଆୱିୟା ବିନ୍ ଅବୁ ସୁଫିୟାନ ସେହି ପ୍ରଥମ ବ୍ୟକ୍ତି ଥିଲେ ଯିଏ ହ. ଉସ୍‌ମାନ୍ ର.ଅଙ୍କ ଶାସନରେ ସାମୁଦ୍ରିକ ଯୁଦ୍ଧ କରିଥିଲେ । ଆଁହଜ଼ରତ ସ.ଅ କହିଲେ ହେ ମୋର ସୁପୁତ୍ରୀ ! ଅବୁ ଅବ୍‌ଦୁଲ୍ଲାଃ ଅର୍ଥାତ ହ. ଉସ୍‌ମାନ୍ ର.ଅଙ୍କ ସହିତ ସଦବ୍ୟବହାର ପ୍ରଦର୍ଶନ କର । କାରଣ ସେ ମୋ ସାହାବାମାନଙ୍କ ମଧ୍ୟରୁ ମୋ ଚରିତ୍ର ସହିତ ସର୍ବାଧିକ ସାମଞ୍ଜସ୍ୟତା ରକ୍ଷା କରୁଛନ୍ତି । ହ. ୟହୟା ବିନ୍ ଅବ୍‌ଦୁର୍ ରହମାନ ବିନ୍ ହାତିବ୍ ବର୍ଣ୍ଣନା କରନ୍ତି ଯେ, ମୁଁ ନିଜର ପିତାଙ୍କୁ ଏହା କହୁଥିବାର ଶୁଣିଲି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସାହାବାମାନଙ୍କ ମଧ୍ୟରୁ କଥାକୁ ସଂପୂର୍ଣ୍ଣ ଏବଂ ସୁନ୍ଦର ଢଙ୍ଗରେ କହିବାର ଶୈଳୀ ହ. ଉସ୍‌ମାନ୍ ର.ଅଙ୍କ ବ୍ୟତୀତ ଅନ୍ୟ କୌଣସି ସାହାବାଙ୍କୁ ଦେଖି ନାହିଁ । ହ. ଉସ୍‌ମାନ୍ ର.ଅ କିନ୍ତୁ ଅଯଥା କଥା କହିବାରୁ ସର୍ବଦା ନିବୃତ୍ତ ରହୁଥିଲେ ।

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହ. ରୁକ଼ିୟା ବିନ୍‌ତ୍ ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲି । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ମୁଁ ଆହଜ଼ରତ ସ.ଅଙ୍କ ସୁପୁତ୍ରୀଙ୍କ ସେବାରେ ଉପସ୍ଥିତ ହେଲି, ଯିଏ ହ. ଉସ୍‌ମାନ୍ ର.ଅଙ୍କ ପତ୍ନୀ ଥିଲେ ଏବଂ ତାଙ୍କ ହସ୍ତରେ ପାନିଆ ଥିଲା । ସେ କହିଲେ ଯେ, ଆଁହଜ଼ରତ ସ.ଅ ବର୍ତ୍ତମାନ ମୋ ନିକଟରୁ ଯାଇଛନ୍ତି ଏବଂ ମୁଁ ଆପଣଙ୍କ ମୁଣ୍ଡରେ ପାନିଆ କରିଛି । ତେବେ ସେ ମୋତେ ପଚାରିଲେ ଯେ, ତୁମେ ଅବୁ ଅବ୍‌ଦୁଲ୍ଲାଃ ହ. ଉସ୍‌ମାନ୍ ର.ଅଙ୍କୁ କେମତି ଦେଖିବାକୁ ପାଇଛ ? ମୁଁ କହିଲେ ଅତି ଉତ୍ତମ । ତେବେ ଆଁହଜ଼ରତ ସ.ଅ ନିଜ ସୁପୁତ୍ରୀଙ୍କୁ କହିଲେ ତେବେ ତାଙ୍କ ପ୍ରତି ସଦ୍‌ବ୍ୟବାହର ପ୍ରଦର୍ଶନ କର । କାରଣ ସେ ମୋର ସାହାବାମାନଙ୍କ ମଧ୍ୟରୁ ଚରିତ୍ରରେ ସର୍ବୋଚ୍ଚ ଚରିତ୍ରବତ୍ତା ଏବଂ ମୋ ସହିତ ସାମଞ୍ଜସ୍ୟତା ରଖୁଥିଲେ । ବର୍ତ୍ତମାନ ହ. ଉସ୍‌ମାନ୍ ର.ଅଙ୍କ ସଂପର୍କିତ ଆଲୋଚ୍ୟ ଚର୍ଚ୍ଚାଟି ଏଠାରେ ସମାପ୍ତ ହେଲା ।

ଖୁତ୍‌ବା ଜୁମ୍ମାର ଶେଷ ପର୍ଯ୍ୟାୟରେ ହୁଜ଼ୁର ଅନୱର୍ ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ମୃତକଙ୍କ ବିଷୟରେ ଚର୍ଚ୍ଚା କରିବାକୁ ଚାହୁଁଛି ଯେଉଁମାନଙ୍କର ବିଗତ ଦିନରେ ମୃତ୍ୟୁ ଘଟିଥିଲା ଏବଂ ନମାଜ ଜୁମା ପରେ ଏହି ମୃତକମାନଙ୍କର ନମାଜ଼ ଯନାଜାଃ ପଢେଇବି । ତନ୍ମଧ୍ୟରୁ **ସର୍ବପ୍ରଥମ** ଯନାଜ଼ାଃ ହେଉଛି ମୁବଶ୍ଶୀର ଅହେମଦ ରଙ୍ଗ୍ ସାହେବଙ୍କର । **ଦ୍ୱିତୀୟ** ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୁନୀର ଅହେମଦ ଫର୍ଖ୍ ସାହେବଙ୍କର । **ତୃତୀୟ** ଯନାଜ଼ାଃ ହେଉଛି ରାୱଲ୍‌ପିଣ୍ଡିର ସମ୍ମାନନୀୟ ସ୍ୱର୍ଗତ ଅବସରପ୍ରାପ୍ତ ବ୍ରିଗେଡ଼ିଏର ଲତିଫ୍ ମୁହମ୍ମଦ୍ ସାହେବଙ୍କର । **ଚତୁର୍ଥ** ଯନାଜ଼ାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ନୋକ୍ ବେକ ଉମୁ ବିକୋଫ୍ (Konokbek Omubekov) ସାହେବଙ୍କର । ସେ କିର୍ଗିସ୍ତାନର ଅଧିବାସୀ ଓ ଅହେମଦି ଥିଲେ । ଅଲ୍ଲାଃତାଲା ଉପରୋକ୍ତ ସମସ୍ତ ମୃତକମାନଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ଏମାନଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

.........................

KHULASA KHUTBA JUMA HUZOOR ANWAR a.b.a

19th Mar. 2021